ଆଇଆଇଟି ପ୍ରତିଷ୍ଠା ଆନ୍ଦୋଳନ କାହିଁକି?

ପ୍ରଫେସର ଚିତ୍ତ ବରାଳ



କାହିଁକି ଉଠୁଛି ବାରମ୍ବାର ଏହି ପ୍ରଶ୍ନ? ଓଡ଼ିଶାରେ ଏକ ଆଇଆଇଟି ପ୍ରତିଷ୍ଠା ବିଷୟ ନେଇ ଯଦି କେବେ ଉଠାଏ, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅଧିକାରୀଗଣ ମନ୍ତ୍ରୀମାନେ, ମୁଖ୍ୟମନ୍ତ୍ରୀମାନେ ଏପରି କି ଅନେକ ବୈଷୟିକ ଶିକ୍ଷା ପରିଷଦ ସଭ୍ୟମାନେ ମଧ୍ୟ ଭୁରୁଙ୍କ କରାଇ ଦେଇ କହନ୍ତି, "ଆଇଆଇଟି ଯେଉଁଠି ହେଉ, ସେଥିରେ କ'ଣ ଅଛି! ଓଡ଼ିଶା ସମେତ ଯେକୌଣସି ରାଜ୍ୟର ଛାତ୍ର ତ ସେଠାରେ ପଢ଼ିପାରିବେ।"

ଏ କଥା ଏମିତି ହାଲୁକା ଭାବେ କୁହାଯାଉଛି, ଯେମିତିକି କଣ ସବୁଛି ଯେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅଧିକାରୀଗଣ କିମ୍ବା ବୈଷୟିକ ଶିକ୍ଷା ପରିଷଦ ସଭ୍ୟମାନେ କଥାଟିକୁ ଠିକ୍ ଭାବେ ବୁଝିପାରୁଛନ୍ତି। ମାତ୍ର ନିକଟରେ ଭାରତର ଜଣେ ବିଶିଷ୍ଟ ପ୍ରବିଧି ବିଶେଷଜ୍ଞ ସହ ଇ-ମେଲ୍ ବିନିମୟ ପରେ ମୋ ନିକଟରେ ଏ କଥା ପରିଷ୍କାର ହୋଇଗଲା ଯେ ଦେଶର ନୀତି ନିର୍ଦ୍ଧାରଣ ଭୂମିକାରେ ଥିବା ଅନେକ ପ୍ରଭାବଶାଳୀ ଲୋକେ ବି ଉପରୋକ୍ତ କଥାରେ ବିଶ୍ୱାସ କରନ୍ତି। ଏହି ଭ୍ରାନ୍ତ ଅବଧାରଣା ଦୂର ନ ହେଲେ ଦେଶରେ ଏବେ ଯେଉଁ ବୈଷମ୍ୟ ରହିଛି ତାହା ଆହୁରି ଉତ୍କଟ ହେବ।

ଓଡ଼ିଶାରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଛି, ଅଥଚ ଆଇଆଇଟି ପ୍ରତିଷ୍ଠା ଉପରେ କାହିଁକି ଏତେ ଗୁରୁତ୍ୱ ଦିଆଯାଉଛି ବୋଲି କେହି କେହି ପ୍ରଶ୍ନ କରିଥାନ୍ତି। ଆମ ମନରେ ବାରମ୍ବାର ଉଠୁଥିବା ପ୍ରଶ୍ନ ମଧ୍ୟ ଏହି। ଆସନ୍ତୁ ଏହି ପ୍ରଶ୍ନ ତଥା ଏହିଭଳି ସମ୍ପର୍କିତ ଅନ୍ୟାନ୍ୟ ପ୍ରଶ୍ନର ଉତ୍ତର ଏଠାରେ ଜାଣିବାକୁ ଚେଷ୍ଟା କରିବା।

ଓଡ଼ିଶା ସମେତ ଯେ କୌଣସି ରାଜ୍ୟର ଛାତ୍ର ତ ପଢ଼ି ପାରିବେ! ତେବେ ଆଇଆଇଟି ଯେଉଁଠି ହେଉ ସେଥିରେ କ'ଣ ଅଛି?

ଏହାର ଉତ୍ତର ହେଉଛି ପ୍ରଥମତଃ, ଆଇଆଇଟିକୁ ଯଦି ଏକ ଡିଗ୍ରୀ ପ୍ରଦାନକାରୀ ସଂସ୍ଥା ଭାବେ ବିଚାର କରିବା, ତେବେ ଦୁଇଟ ଏହା ଯେଉଁଠି ବି ପ୍ରତିଷ୍ଠା ହେଲେ ଚଳିବ। ମାତ୍ର ଏକ ଆଇଆଇଟି କହିଲେ ମାତ୍ର ଏତିକି ବୁଝାଯାଏ ନାହିଁ।

ଆଇଆଇଟି ଏପରି ଏକ ଭିତ୍ତିଭୂମି, ଯାହାକୁ ପ୍ରତିଷ୍ଠା କରାଗଲେ ତାହା ୧୦୦ କିମି ପରିମିତ ସ୍ଥାନୀୟ ଅଞ୍ଚଳକୁ ବିବିଧ ଭାବେ ପ୍ରଭାବିତ କରିବ କିମ୍ବା କରିପାରିବାର କ୍ଷମତା ରହିଥିବ। ଏହାର ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ଏହା ଏକ ଭିତ୍ତି ଭୂମି ଭାବେ କାମ କରିପାରିବ। କାଲିଫର୍ଣ୍ଣିଆର ସିଲିକନ ଭ୍ୟାଲି ଉପରେ ଷ୍ଟାନଫୋର୍ଡ ଓ ବର୍କଲେର ପ୍ରଭାବ, ବୋଷ୍ଟନ ପାଖବର୍ତ୍ତୀ ଅଞ୍ଚଳ ଉପରେ ହାର୍ଭାର୍ଡ ଓ ଏମଆଇଟିର ପ୍ରଭାବ ଏବଂ ଆମ ଦେଶରେ ବାଙ୍ଗାଲୋର ଉପରେ "ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ"ର ପ୍ରଭାବ ଏହାର ଉଦାହରଣ। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏମଆଇଟି "ଏଚ୍‌ପି" ଆଖପାଖ ଅଞ୍ଚଳରେ ଗୁଗଲ, ୟାହୁ ଏବଂ ବୋଷ୍ଟନ ଇଲେକ୍ଟ୍ରୋନିକ ଭଳି ଅନେକ ବଡ଼ବଡ଼ କମ୍ପାନୀ ସୃଷ୍ଟି କରିପାରିଛି।

ଏବେ ଆମର ଯେଉଁ ଆଇଆଇଟି ସବୁ ଅଛି, ସେଗୁଡ଼ିକର ବିଶେଷ ସ୍ଥାନୀୟ ପ୍ରଭାବ ନ ଥିବା କଥା ଅବଶ୍ୟ ସତ। ମାତ୍ର ଆଇଆଇଟି ଖଡ଼ଗପୁର ଏବେ ବିକାଶମୂଳକ କାର୍ଯ୍ୟ ପାଇଁ ଆଗେଇ ଆସିଛି। ପାଖବର୍ତ୍ତୀ ଅଞ୍ଚଳରେ ଏକ ବାୟୋଟେକ ପାର୍କର ବିକାଶ ପାଇଁ ଏହା ସହାୟତା ପ୍ରଦାନ କରିବା ସହ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଏବଂ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ସ୍ଥିର କରିଛି।

ଅତିଶୀଘ୍ର ଆମର ଅନ୍ୟ ସମସ୍ତ ଆଇଆଇଟିଗୁଡ଼ିକ ଦ୍ୱାରା ଏହାଠାରୁ ଅଧିକ ସ୍ଥାନୀୟ ପ୍ରଭାବ ଅନୁଭୂତ ହେବା ନିଶ୍ଚିତ।

ଅଧିକନ୍ତୁ, ଆଇଆଇଟି ନିକଟରେ ଅନେକଗୁଡ଼ିଏ କମ୍ପାନି ମୁଣ୍ଡ ଟେକିବ। କାରଣ ଏହା ସେଗୁଡ଼ିକର କର୍ମଚାରୀମାନଙ୍କ ପାଇଁ ଉଚ୍ଚତର ଶିକ୍ଷାର ସୁଯୋଗ ଯୋଗାଇଦେବ ଏବଂ ଅତ୍ୟାଧୁନିକ ଗବେଷଣା କ୍ଷେତ୍ରରେ ଏହାର ଶିକ୍ଷକ ଓ ଛାତ୍ରମାନଙ୍କର ସହଯୋଗ ସେମାନଙ୍କୁ ମିଳିବ।।

ଦ୍ୱିତୀୟରେ ଇଞ୍ଜିନିୟରିଂ କ୍ଷେତ୍ରରେ ଏବେ ଆଇଆଇଟିଗୁଡ଼ିକ ହିଁ ସର୍ବୋତ୍ତମ ଗ୍ରାଜୁଏଟ ସ୍ତର ତଥା ବିଭିନ୍ନ ବିଷୟରେ ପିଏଚ୍‌ଡି ପ୍ରୋଗ୍ରାମ୍ ଏବଂ ଏମ୍.ଟେକ୍ ପାଇଁ ପ୍ରମୁଖ ସ୍ଥାନ। ଓଡ଼ିଶାରେ ଥିବା ୪୦ରୁ ଅଧିକ ଇଞ୍ଜିନିୟରିଂ କଲେଜ ମଧ୍ୟରୁ ଅଧିକାଂଶ ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ଏବଂ ସେଗୁଡ଼ିକରେ ଯୋଗ୍ୟ ଓ ଦକ୍ଷ ଶିକ୍ଷକଙ୍କ ସଂଖ୍ୟା ଖୁବ କମ। ଇଞ୍ଜିନିୟରିଂ କଲେଜର ଶିକ୍ଷକମାନଙ୍କ ସ୍ତରକୁ ଉନ୍ନତ କରିବା ପାଇଁ ସାରା ଦେଶରେ ଏଆଇସିଟିଇ (ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ), ୟୁଜିସି (ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ) ଏବଂ ଅନ୍ୟ ସଂସ୍ଥାମାନଙ୍କ ତରଫରୁ ଅନେକ ପ୍ରଚେଷ୍ଟା କରାଯାଉଛି। ବିଭିନ୍ନ ଆଇଆଇଟିରେ ଏବଂ ବଡ଼ ବଡ଼ ଏନଆଇଟିରେ କ୍ୟୁଆଇପି (ଗୁଣବତ୍ତା ବୃଦ୍ଧି କାର୍ଯ୍ୟକ୍ରମ) ଏହାର ଅନ୍ତର୍ଭୁକ୍ତ। ଭୁବନେଶ୍ୱର ପରିପ୍ରେକ୍ଷୀରେ ଏ କଥା ବିଚାରକୁ ନେଲେ ଏଠାରେ ୩୦ଟି ଇଞ୍ଜିନିୟରିଂ କଲେଜର ଅଧ୍ୟାପକମାନଙ୍କୁ ଏଥିପାଇଁ ଦୀର୍ଘ ଛୁଟି ନେବାକୁ ହେବ ଏବଂ ନିକଟତମ ଆଇଆଇଟି ବା ଏନଆଇଟି ପାଇଁ ସେ ୫୦୦ କିମିରୁ ଅଧିକ ଦୂରକୁ ଯିବାକୁ ହେବ। ଯଦି ଭୁବନେଶ୍ୱରଠାରୁ ଅଳ୍ପ ଦୂରତାରେ କୌଣସି ଆଇଆଇଟି ଥାଆନ୍ତା, ତେବେ ଭୁବନେଶ୍ୱର ଭିତରେ ବାହାରେ ଥିବା ଏହି ୩୦ଟି କଲେଜର ଅଧ୍ୟାପକ ମାନେ ଛୁଟି ନ ନେଇ, ବାହାରି ନ ଯାଇ ବି ଉଚ୍ଚତର ଶିକ୍ଷାପ୍ରାପ୍ତିର ସୁଯୋଗ ପାଇଥାନ୍ତେ।

ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଉଦାହରଣରୁ ଏକଥା ସ୍ପଷ୍ଟ ହୋଇଯିବ। ଏହା ଏକ ଜାତୀୟ ପ୍ରତିଷ୍ଠାନ ଏବଂ ସାରା ଭାରତର ଛାତ୍ରମାନେ ଏଠାରେ ଅଧ୍ୟୟନ କରୁଥିଲେ ବି ଏଠାରୁ ପିଏଚଡି କରିଥିବା ଅଧିକାଂଶ ଛାତ୍ରଛାତ୍ରୀ ଓଡ଼ିଶାର ଏବଂ ରାଜ୍ୟର ବିଭିନ୍ନ କଲେଜର ପଦାର୍ଥ ବିଜ୍ଞାନ ବିଭାଗରେ ଏମାନେ ଅଧ୍ୟାପନାରତ।

ଏଠାରେ ଆମେ ଏ କଥା ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ଓଡ଼ିଶାରେ ପ୍ରତିଷ୍ଠିତ ଆଇଆଇଟିରେ ଓଡ଼ିଆ ପିଲାଙ୍କ ପାଇଁ କୌଣସି ବିଶେଷାଧିକାର ବା କୋଟାର ଆମେ ପକ୍ଷପାତୀ ନୋହୁଁ। ମାତ୍ର ଓଡ଼ିଶାର ବାସିନ୍ଦାଙ୍କୁ ଏ କଥା ପ୍ରମାଣିତ ଯେ ସହଜ ଏବଂ ସୁବିଧାଜନକ ହୋଇଥିବାରୁ ଗ୍ରାଜୁଏଟ୍ ସ୍ତରରେ, କ୍ୟୁଆଇପି ଏବଂ କମ୍ପାନି ପ୍ରାୟୋଜିତ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ବି ଅଧିକରୁ ଅଧିକ ସ୍ଥାନୀୟ ଲୋକେ ଏହି ସୁଯୋଗର ଫାଇଦା ନେବେ।

ପ୍ରଥମ ଏବଂ ଦ୍ୱିତୀୟ ଯୁକ୍ତିକୁ ହୃଦବୋଧ କଲା ପରେ କେହି କହିପାରେ ଯେ ଠିକ୍ ଏହି କାରଣରୁ ଆଇଆଇଟି ପ୍ରତିଷ୍ଠା ପାଇଁ ଭାରତରେ ଅନେକ ସ୍ଥାନରୁ ଦାବି ଉଠିପାରେ! ତେବେ ଓଡ଼ିଶା କାହିଁକି ଅଗ୍ରାଧିକାର ପାଇବ?

ଏହା ଏକ ଭଲ ପ୍ରଶ୍ନ ମାତ୍ର ଏହାର ଉତ୍ତର ଅତ୍ୟନ୍ତ ସହଜ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଆଇଆଇଟି ଗୁଡ଼ିକୁ ରାଶି ଯୋଗାଇଥାଏ। ଏକ ମୋଟାମୋଟି ହିସାବ ଅନୁସାରେ ଏହି ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ଭାବେ ସରକାରୀ ଅର୍ଥରେ ପରିଚାଳିତ ଆଇଆଇଟି ଓ ଆଇଆଇଏମ୍ ସହ ମାନବ ସମ୍ବଳ ବିକାଶ ପ୍ରତିଷ୍ଠାନ ଗୁଡ଼ିକ ପାଇଁ ମୁଣ୍ଡ ପିଛା ଦିଲ୍ଲୀରେ ଟ୧୮୩.୦୮, ପଶ୍ଚିମବଙ୍ଗରେ ଟ୪୧.୧୦, କର୍ଣ୍ଣାଟକରେ ଟ୩୩.୪୦, ତାମିଲନାଡୁରେ ୧୬ ଟଙ୍କା, ପଶ୍ଚିମବଙ୍ଗରେ ଟ୪୧.୧୦, କର୍ଣ୍ଣାଟକରେ ଟ୩୩.୪୦, ତାମିଲନାଡୁରେ ୧୬ ଟଙ୍କା, ମହାରାଷ୍ଟ୍ରରେ ଟ୨୮.୩୮, ଉତ୍ତରପ୍ରଦେଶରେ ଟ୧୬.୬୩, ଆସାମରେ ଟ୧୬.୦୪, ପଞ୍ଜାବରେ ଟ୩୩.୧୬, ହରିୟାଣା ଟ୮.୧୩, କେରଳରେ ଟ୬.୯୦, ମଧ୍ୟପ୍ରଦେଶରେ ଟ୯.୦୨, ଗୁଜରାଟରେ ଟ୪.୮୬, ରାଜସ୍ଥାନରେ ଟ୨.୪୯ ଏବଂ ବିହାରରେ ଟ୧.୮୬ ଖର୍ଚ୍ଚ କରିବା ପାଇଁ ଧାର୍ଯ୍ୟ କରିଥିବା ବେଳେ ଓଡ଼ିଶା ପାଇଁ ଟ୪.୦୨ ଧାର୍ଯ୍ୟ କରିଛି। ଅର୍ଥାତ ଏ କ୍ଷେତ୍ରରେ ଓଡ଼ିଶା, ରାଜସ୍ଥାନ ଓ ବିହାରର ସ୍ଥାନ ସବା ତଳେ। ଏବେ ବିହାର ଓ ରାଜସ୍ଥାନ ପାଇଁ ଆଇଆଇଟି ମଞ୍ଜୁର କରାଯାଇଛି। ତେଣୁ ପରବର୍ତ୍ତୀ ଆଇଆଇଟି ଓଡ଼ିଶାରେ ପ୍ରତିଷ୍ଠା ହେବା ନିଃସନ୍ଦେହରେ ଯୁକ୍ତିସଙ୍ଗତ। ଓଡ଼ିଶା ପ୍ରତି ହେଉଥିବା ଉପେକ୍ଷାଜନିତ ଅନ୍ୟାୟର ସଂଶୋଧନ ପାଇଁ ଏହା ଜରୁରୀ।

କିଛି ଲୋକ ପ୍ରଶ୍ନ ଉଠାନ୍ତି ଯେ ଓଡ଼ିଶାରେ ଅନେକ ସମସ୍ୟା ରହିଛି, ତେଣୁ ଏହି ସମୟରେ ଆଇଆଇଟି ପ୍ରତିଷ୍ଠା ପରି ଏକ ପ୍ରସଙ୍ଗକୁ କାହିଁକି ପ୍ରାଥମିକତା ଦିଆଯିବ?

ଭାରତର କେନ୍ଦ୍ର ସରକାରଙ୍କ ବିଭବ ଆଦାୟ ଓ ରାଜ୍ୟଗୁଡ଼ିକ ମଧ୍ୟରେ ତାର ବିତରଣ ପ୍ରଣାଳୀ ଯୋଗୁଁ ରାଜ୍ୟ ସରକାରଗୁଡ଼ିକ କେନ୍ଦ୍ରଠାରୁ ଅଧିକରୁ ଅଧିକ ସହାୟତା ଦାବି କରିଥାନ୍ତି। ଏ କ୍ଷେତ୍ରରେ କୌଣସି ଅନ୍ୟାୟ ହେଲେ ଦାବି ଉପସ୍ଥାପନ କରିବା ପାଇଁ ରାଜ୍ୟ ଗୁଡ଼ିକର ନୈତିକ ଅଧିକାର ରହିଥାଏ। ସେହି ଦାବି ଉପରେ ଯୋଉ ଅବ୍ୟାହତ ରହିପାରିଲେ, ସଫଳତା ହାସଲର ସମ୍ଭାବନା ଅଧିକ ଥାଏ।

ଆଇଆଇଟି ସମ୍ପର୍କରେ ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ହୋଇଥିଲା ଯେ "ବିହାର ପାଇଁ ଗୋଟିଏ, ଓଡ଼ିଶା ପାଇଁ ଦୁଇଟି ଏବଂ ଏକ ପଶ୍ଚିମର ଏକ ରାଜ୍ୟ ପାଇଁ ଗୋଟିଏ ଆଇଆଇଟି ପ୍ରସ୍ତାବ ସହ ବିହାର ପାଇଁ ଏକ ଆଇଆଇଟି ପ୍ରସ୍ତାବ ୧୧ଶ ପଞ୍ଚବାର୍ଷିକ ଯୋଜନାରେ ଅନ୍ତର୍ଭୁକ୍ତ ହେବ" ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଏମ୍‌ଏଏ ଫାତିମୀ ୨୦୦୬ ମସିହା ଅଗଷ୍ଟ ୨୮ ତାରିଖରେ ପ୍ରକାଶ କରିଥିଲେ। ଓଡ଼ିଶା ପାଇଁ ୨ଟି ଆଇଆଇଟି କଥା କହିଲା ବେଳେ, ସେ ସମ୍ଭବତଃ ୧୧ଶ ପଞ୍ଚବାର୍ଷିକ ଯୋଜନାର ପ୍ରସ୍ତାବିତ ୩ଟି ଆଇଆଇଟି ମଧ୍ୟରୁ ଗୋଟିଏ ସହ ଭୁବନେଶ୍ୱରରେ ଖଡ଼ଗପୁର ଆଇଆଇଟିର ଏକ ଶାଖା ପ୍ରତିଷ୍ଠାକୁ ଇଙ୍ଗିତ କରିଥିଲେ। ମାତ୍ର ପରବର୍ତ୍ତୀ ଘଟଣାରୁ ପ୍ରକାଶ ଯେ ବିହାର, ରାଜସ୍ଥାନ ସହ ଆନ୍ଧ୍ରରେ ଗୋଟିଏ : ଏମିତି ମୋଟ ୩ଟି ନୂତନ ଆଇଆଇଟି ପ୍ରତିଷ୍ଠା ହେବ। ବାସ୍ତବିକ ଏହା ଓଡ଼ିଶା ପ୍ରତି ବଡ଼ ଅନ୍ୟାୟ।

ଭାରତରେ ବିଶ୍ୱସ୍ତରୀୟ ଅନୁଷ୍ଠାନ ସୃଷ୍ଟି ହିଁ ଏକ ଆଇଆଇଟି ପ୍ରତିଷ୍ଠା କରିବାର ମୂଳ ଲକ୍ଷ୍ୟ ଏବଂ ଏହି ଆଧାରରେ ସ୍ଥାନ ନିରୂପିତ ହେବା ଆବଶ୍ୟକ ବୋଲି କିଛି ଲୋକ କହନ୍ତି?

ଆମେ ଏଥିରେ ସହମତ ଏବଂ ଆମ ଯୁକ୍ତି ହେଉଛି ଭୁବନେଶ୍ୱରରୁ ପଞ୍ଚାଏ-ଦେଢ଼ ଘଣ୍ଟାର ଦୂରତା (ମୁମ୍ବାଇରେ ସହରଠାରୁ କାର୍ଯ୍ୟାଳୟ ପାଇଁ ଦେଢ଼ଘଣ୍ଟା ସମୟ ଏକ ଆଦର୍ଶ ଦୂରତ୍ୱ) ମଧ୍ୟରେ କୌଣସି ସ୍ଥାନ ହିଁ ଆଇଆଇଟି ପାଇଁ ଉପଯୁକ୍ତ ହେବ। ଗମନାଗମନ ଦୃଷ୍ଟିରୁ ଭୁବନେଶ୍ୱର ସହିତ ଭାରତର ପ୍ରମୁଖ ସହର ଓ ମହାନଗର ଗୁଡ଼ିକ ବେଶ ଭଲ ଭାବେ ଆକାଶ ମାର୍ଗରେ ବା ସଡ଼କ ବା ରେଳ ପଥରେ ଯୋଡ଼ା। ଭାରତର ପ୍ରତି କୋଣ (ଗୌହାଟି, କେରଳ, ଗୋଆ, ଗୁଜରାଟ, ଜୟପୁର, ପଞ୍ଜାବ, ଋଷିକେଶ, କାନପୁର, ଲକ୍ଷ୍ନୌ, ବଡ଼ୋଦରା, ପାଟନା, ରାୟପୁର ଓ ଭୋପାଳ)କୁ ଏଠାରୁ ସିଧା ସଂଯୋଗ ରହିଛି।

ଭୁବନେଶ୍ୱରରେ ଅନେକ ଗୁଡ଼ିଏ ଉଚ୍ଚମାନର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ରହିଛି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ଅନେକ ଗୁଡ଼ିଏ ବିଶ୍ୱବିଦ୍ୟାଳୟ ମଧ୍ୟ ରହିଛି। ଅଧିକନ୍ତୁ ନିକଟରେ ପାଇଁ କେତେକ ଉଚ୍ଚମାନର ଉଚ୍ଚତର ଶିକ୍ଷା ସଂସ୍ଥାନ ଏହି ସ୍ଥାନକୁ ଉପଯୁକ୍ତ ବୋଲି ବିବେଚନା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ଅଛି ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ପୁରୀ ନିକଟରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ, ଶ୍ରୀ ଶ୍ରୀ ରବିଶଙ୍କରଙ୍କ 'ଆର୍ଟ ଅଫ୍ ଲିଭିଂ' ଟ୍ରଷ୍ଟ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଇତ୍ୟାଦି। ତେଣୁ ଭୁବନେଶ୍ୱରଠାରୁ ପଞ୍ଚାଏ-ଦେଢ଼ଘଣ୍ଟାର ଦୂରତ୍ୱ ମଧ୍ୟରେ ଏକ ସ୍ଥାନ ଆଇଆଇଟି ପ୍ରତିଷ୍ଠା ପାଇଁ ଉପଯୁକ୍ତ ନ ହେବାର କୌଣସି କାରଣ ନାହିଁ।

ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ସୃଷ୍ଟି ଓ ଅଭିବୃଦ୍ଧି ନିମନ୍ତେ ସ୍ଥାନୀୟ ଲୋକଙ୍କ ପ୍ରତିଭା ଆବଶ୍ୟକ ପଡ଼ିଥାଏ। ଆମକୁ ଓଡ଼ିଶାରେ ଏକ ଆଇଆଇଟି ପ୍ରତିଷ୍ଠା ପାଇଁ ଆମେ ଚାହୁଁଛୁ। ତେଣୁ ଓଡ଼ିଶାର ଲୋକେ ଏକ ଆଇଆଇଟିର ବିକାଶ ପାଇଁ ସାହାଯ୍ୟ ନ କରିବାର କୌଣସି କାରଣ ନାହିଁ।

ଏହି ପାଇଁ ଦରକାର ରାଜ୍ୟ ସରକାରଙ୍କ ଦୃଢ଼ତା ଏବଂ ଆଉ ଆଇଆଇଟି ପ୍ରତିଷ୍ଠା ପାଇଁ ରାଜ୍ୟବାସୀଙ୍କ ସମ୍ମିଳିତ ଅଭିଯାନ।

ଆରିଜୋନା ୟୁନିଭରସିଟି,
ଆମେରିକା